# ଓଡିଶା ରାଜ୍ୟ ଅର୍ଥ ନିଗମ
## ଓ.ଏମ.ପି ଛକ, କଟକ – ୭୫୩୦୦୩

# ବିକ୍ରୟ ବିଜ୍ଞାପନ

ବିଜ୍ଞାପନ ନଂ·**DDAC**/୦୪/୧୫–୧୬ ତା ୧୭/୦୩/୨୦୧୬

ଓଡିଶା ରାଜ୍ୟ ଅର୍ଥ ନିଗମ ନିର୍ଦ୍ଧାରିତ ଜଉମୁଦ ଦିଆ ଟେଣ୍ଡର ଫର୍ମ ମାଧ୍ୟମରେ ତା ୨୮/୦୩/୨୦୧୬ ସମୟ ଅପରାହ୍ନ ୦୩ ଘଟିକାରେ ଓଡିଶା ରାଜ୍ୟ ଅର୍ଥ ନିଗମ ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ, ଇନ୍ଦ୍ରଧନୁ ମାର୍କେଟ୍, ଆଇ·ଆର୍·ସି ଭିଲେଜ୍ ,ଭୁବନେଶ୍ୱର ଠାରେ ହେବାକୁ ଥିବା **Default-cum-Disposal Advisory Committee (DDAC)** ଦ୍ୱାରା ନିମ୍ନୋକ୍ତ ଜବତ ସଂପତ୍ତିକୁ "ଯେଉଁଠାରେ ଯେଉଁଭଳି ଅଛି ସେହି ଅବସ୍ଥାରେ" ବିକ୍ରୟ ପାଇଁ ଦରଖାସ୍ତ ଆହ୍ୱାନ କରୁଅଛି । ନିର୍ଦ୍ଧାରିତ ଟେଣ୍ଡର ଦରଖାସ୍ତ ଫର୍ମ, ବିକ୍ରୟର ନିୟମ ଓ ସର୍ତ୍ତାବଳୀ, ସ୍ଥାବର/ଅସ୍ଥାବର ସଂପତ୍ତିର ବିଶଦ ବିବରଣୀ ଟେଣ୍ଡର ପକାଇବାର ପ୍ରଣାଳୀ ଇତ୍ୟାଦି ଗୁଡିକ ଆମ୍ଭର ୱେବ୍ ସାଇଟ୍ **www.osfcindia.com** ରୁ ସଂଗ୍ରହ କରି ହେବ । ଟେଣ୍ଡର ଫର୍ମ କୁ ସଠିକ୍ ଭାବେ ପୂରଣ କରି ତା ୨୬/୦୩/୨୦୧୬ ସମୟ ୫ ଘଟିକା ମଧ୍ୟରେ ଆମ୍ଭ କଟକ ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ଟେଣ୍ଡର ବାକ୍ସରେ ପକାଇବାକୁ ହେବ କିମ୍ବା Registered Post/ Speed Post ମାଧ୍ୟମରେ ତଳଲିଖିତ ଠିକଣାରେ ପଠାଇ ପାରିବେ । କୌଣସି ଟେଣ୍ଡର ଆବେଦନ ପତ୍ର ଯଦି ବିଳମ୍ବରେ ଏବଂ ନିର୍ଦ୍ଧାରିତ ଅମାନତ ଜମା ବିନା ଏବଂ ଠିକ୍ ଭାବରେ ପୂରଣ କରାଯାଇ ନ ଥିବ ତେବେ ତାହା ନାକଚ ହୋଇଯିବ ।

ନିଲାମଧାରୀ ସେମାନଙ୍କର ପରିଚୟ ପତ୍ରର ପ୍ରମାଣ ସହ ନିଜେ କିମ୍ବା ତାଙ୍କର ସ୍ୱିକୃତ ପ୍ରତିନିଧି ମାଧ୍ୟମରେ **DDAC** ରେ ଉପସ୍ଥିତ ହେବେ ଏବଂ ଯେଉଁ ମାନଙ୍କର ନିଲାମ ଡାକ ସର୍ବାଧିକ ହେବ ସେମାନେ ଘୋଷିତ ହୋଇଥିବା ସ– ତ୍ତିର ସଂରକ୍ଷିତ ମୂଲ୍ୟ ବା ରାଜି ହୋଇଥିବା ନିଲାମ ମୂଲ୍ୟର ୨୫ ପ୍ରତିଶତ ଅମାନତ ଭାବେ ପୂର୍ବରୁ ଦେଇଥିବା ଅମାନତ ଜମାକୁ ବାଦ୍ ଦେଇ ସେହିଠାରେ ବ୍ୟାଙ୍କ ଡ୍ରାଫ୍ଟ/ପେ ଅର୍ଡର/ବ୍ୟାଙ୍କର ଚେକ୍/ନଗଦ ଟଙ୍କା ଜମା ଭାବେ ଦେବାକୁ ହେବ । ଯଦି ନିଲାମଧାରୀ ଏହି ସର୍ତ୍ତକୁ ପାଳନ ନ କରନ୍ତି ତେବେ ତାଙ୍କର ଅମାନତ ଜମା ବ୍ୟାଜ୍ୟାପ୍ତି ହୋଇଯିବ । ବିକ୍ରୟ ସ– ତ୍ତିର ବଳକା ଦେୟ ପତ୍ର ମାଧ୍ୟମରେ କ୍ରେତାଙ୍କୁ ଅବଗତ କରାଯିବ ଏବଂ ସେମାନେ ବିକ୍ରୟ ପତ୍ର ପ୍ରେରଣର ୩୦ ଦିନ ମଧ୍ୟରେ ଉକ୍ତ ଟଙ୍କା ଜମା ଦେବାକୁ ହେବ । ଯଦି କ୍ରେତା ନିର୍ଦ୍ଧାରିତ ସମୟ ମଧ୍ୟରେ ଉକ୍ତ ଦେୟ ଦେଇ ନ ପାରନ୍ତି ତେବେ ସେ ଦେଇଥିବା ଜମାକୁ ମଧ୍ୟ ନିଗମ ବ୍ୟାଜ୍ୟାପ୍ତି କରିପାରିବ ।

ଉକ୍ତ ସ– ତ୍ତିର କୌଣସି ଅଂଶ କିମ୍ବା ସମସ୍ତ କ୍ରୟ ପ୍ରସ୍ତାବକୁ ଗ୍ରହଣ କିମ୍ବା ନାକଚ କରିବା ନିଷ୍ପତ୍ତି ନିଗମର ଇଚ୍ଛାଧୀନ ଅଟେ ଏବଂ କୌଣସି କାରଣ ନ ଦର୍ଶାଇ ମଧ୍ୟ ନିଗମ ଉକ୍ତ ସ– ତ୍ତିକୁ ଋଣଗ୍ରହିତାଙ୍କୁ ଫେରସ୍ତ କରିପାରିବ ।

ବିକ୍ରୟ ସ– ତ୍ତିର ବିବରଣୀ

| କ୍ରମାଙ୍କ | ଶିଳ୍ପର / ଋଣ ଗ୍ରହିତାଙ୍କ ନାମ /ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|
| ୦୧ | ଶ୍ରୀ ରବିନ୍ଦ୍ର କୁମାର ସାମଲ ଙ୍କ **Tata Truck No. OR-04-E-1818 , 2004 model (kept at Central Garrage, Cuttack)** ସଂ·ମୂ–ଟ·୩·୨୦ ଲକ୍ଷ (ପାରାଦୀପ୍ ଶାଖା) | ଟ· ୧୬,୦୦୦/- |
| ୦୨ | ମେସର୍ସ ଉଳ୍କୁଳେଶ୍ୱରୀ ନାରାୟଣୀ ରାଇସ୍ ମିଲ୍, ଗମ୍ଭାପୁର, ରେଢୁଆ, ଜଗତସିଂପୁର (ଜ) ସଂ·ମୂ – ଟ· ୦·୭୫ଲକ୍ଷ (ପାରାଦୀପ୍ ଶାଖା) | ଟ· ୩,୮୦୦/- |
| ୦୩ | ମେସର୍ସ ଇମାନୁୟଲ ରାଇସ୍ ମିଲ୍, ମାର୍ଲାବା, ରାୟଗଡା, ଜିଲ୍ଲା – ଗଜପତି (ଜ·) ସଂ·ମୂ – ଟ· ୦·୩୬ ଲକ୍ଷ (ବ୍ରହ୍ମପୁର ଶାଖା) | ଟ· ୧,୮୦୦/- |
| ୦୪ | ମେସର୍ସ ଗୋଦାବରୀ ପାୱାରଲୁମ୍ ୟୁନିଟ୍, ଗ୍ରାମ/ପୋଷ୍ଟ – ଗୋଠବାଣ, ଭାୟା – ନନ୍ଦିଘର, ଜିଲ୍ଲା – ନୟାଗଡ (ଜ·) ସଂ·ମୂ – ଟ· ୦·୬୦ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୩,୦୦୦/- |
| ୦୫ | ମେସର୍ସ ଗୋଲକ ଟେକ୍ସଟାଇଲ୍ସ, ଗ୍ରାମ/ପୋଷ୍ଟ – ମାଛିପଡା, ଜିଲ୍ଲା – ନୟାଗଡ (ଜ·) ସଂ·ମୂ – ଟ· ୦·୬୦ ଲକ୍ଷ (ଭୁବନେଶ୍ୱର ଶାଖା) | ଟ· ୩,୦୦୦/- |

ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ଏତଦ୍ୱାରା ବିଜ୍ଞାପନ ଜାରି ମାଧ୍ୟମରେ ଅନୁରୋଧ କରାଯାଉଅଛି ଯେ ସେ ନିଜେ କିମ୍ବା ତାଙ୍କର ସ୍ୱିକୃତପ୍ରାପ୍ତ ପ୍ରତିନିଧି ଜରିଆରେ ନିଗମର DDAC ସମ୍ମୁଖରେ ନିର୍ଦ୍ଧାରିତ ସମୟ, ତାରିଖ ଓ ସ୍ଥାନ ରେ ହାଜର ହୋଇ ଋଣ ପରିଶୋଧ କରି ସେମାନଙ୍କର ଜବତ ସ– ତ୍ତିକୁ ମୁକୁଳାଇବା ପାଇଁ ପ୍ରସ୍ତାବ ଦେବେ । ସେ ମଧ୍ୟ ନିଜ ଇଚ୍ଛାନୁଯାୟୀ ଉପଯୁକ୍ତ ଗ୍ରାହକ ଯୋଗାଡ କରି ଓ ଉପର ବିହିତ ମାଧ୍ୟମରେ ଟେଣ୍ଡର ପ୍ରଦାନ କରି ନିଲାମରେ ଭାଗନେଇ ତାଙ୍କ ସ– ତ୍ତିକୁ ଉପଯୁକ୍ତ ମୂଲ୍ୟରେ ବିକ୍ରି କରିବାରେ ସୁଯୋଗ ନେଇ ପାରିବେ । ଯଦି ସେମାନେ DDAC ସମ୍ମୁଖରେ ଉପସ୍ଥିତ ନ ହୁଅନ୍ତି କିମ୍ବା ନିଗମକୁ ସନ୍ତୁଷ୍ଟ କଲାଭଳି ପ୍ରସ୍ତାବ ନ ଦିଅନ୍ତି ତେବେ ଧରାଯିବଯେ ସେମାନଙ୍କର ସ– ତ୍ତି ମୁକୁଳାଇବାର ଉଦ୍ଦେଶ୍ୟ ନାହିଁ । ନିଗମ ଋଣ ଗ୍ରହିତା/ଜାମିନ ଦାତା/ବନ୍ଧକ ଦାତାଙ୍କୁ ବ୍ୟକ୍ତିଗତ ନୋଟିସ୍ ଦେବାକୁ ବାଧ୍ୟ ନୁହେଁ ଏବଂ ଏହି ବିଜ୍ଞାପନ ସେମାନଙ୍କର ଅବଗତ ନିମନ୍ତେ ଯଥେଷ୍ଟ ।

ବିକ୍ରୟ ବିଜ୍ଞାପନ ଏବଂ ୱେବ୍ ସାଇଟ୍ ରେ ପ୍ରକାଶିତ ହୋଇଥିବା ତଥ୍ୟ ଜନିତ ତୃଟି ମାର୍ଜ୍ଜନୀୟ ।

ବି:ଦ୍ର –
ଜ·ଗୃ·କ – ଜମି, ଗୃହ ଓ କଳକବ୍ଜା
ସଂ ମୂ – ସଂରକ୍ଷିତ ମୂଲ୍ୟ

ପରିଚାଳନା ନିର୍ଦ୍ଦେଶକଙ୍କ ଆଦେଶମତେ
ଉପସାଧାରଣ ପରିଚାଳକ (ଋଣ ଆଦାୟ ବିଭାଗ)
ଓଡିଶା ରାଜ୍ୟ ଅର୍ଥ ନିଗମ, ଓ.ଏମ.ପି ଛକ, କଟକ – ୩